# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12 December – 2025

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ  ବୈଠକରେ ଦେଶରେ ୨୦୨୭ ଜନଗଣନା ପାଇଁ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର

— କୋଇଲା ଲିଙ୍କେଜ୍‌ରେ ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ କୋଲ୍‌ସେତୁ ନୀତିକୁ ମିଳିଲା ଅନୁମୋଦନ

- ପୁରୀ ଜିଲ୍ଲା ରାମଚଣ୍ଡୀଠାରେ ରାଜ୍ୟର ପ୍ରଥମ ଜଳଦକ୍ଷତା ଓ ଜୀବନ ରକ୍ଷା ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ପୁରୀ ଶ୍ରୀମନ୍ଦିର ଛତିଶାନିଯୋଗ ବୈଠକରେ ପହିଲି ଭୋଗଠାରୁ ମକରସଂକ୍ରାନ୍ତୀ ନୀତି ନିର୍ଘଣ୍ଟ

ଏବଂ

- କୋଣାର୍କରେ ଆଜିଠାରୁ ଆରମ୍ଭ ହେଉଛି ଇକୋ-ରିଟ୍ରିଟ୍

## କ୍ୟାବିନେଟ-ଜନଗଣନା

ଦେଶରେ ଆଗାମୀ ୨୦୨୭ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ୍ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନୂଆଦିଲ୍ଲୀରେ ଏ ସମ୍ପର୍କରେ ଆଜି ଗଣମାଧ୍ୟମକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଜନଗଣନା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମେ ଆସନ୍ତା ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ଗୃହ ଗୁଡିକର ତାଲିକା ପ୍ରସ୍ତୁତ କରାଯିବ। ୨୦୨୭ର ଜନଗଣନା କ୍ରମାନ୍ୱୟରେ ଷୋଡଶ ଏବଂ ସ୍ୱାଧୀନତା ପରଠାରୁ ଏହା ଅଷ୍ଟମ ଜନଗଣନା ହେବ। ଏହି ସମୟରେ ଜାତିଭିତ୍ତିକ ଗଣନା ମଧ୍ୟ କରାଯିବ। ଜନଗଣନା ପାଇଁ କ୍ଷେତ୍ର ସ୍ତରରେ ୩୦ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ଥର ପ୍ରଥମ ଥର ଲାଗି ଡିଜିଟାଲ ଗଣନା ହେବ। ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବ।

**- V/O -(ଅଶ୍ୱିନୀ ବୈଷ୍ଣବ)**

କେନ୍ଦ୍ର କ୍ୟାବିନେଟ୍ କୋଇଲା ଲିଙ୍କେଜ ନୀତିରେ ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ କୋଲ୍-ସେତୁ ନୀତିକୁ ମଞ୍ଜୁରୀ ଦେଇଛନ୍ତି। କ୍ୟାବିନେଟ୍‌ରେ ୨୦୨୬ ଋତୁ ପାଇଁ **କୋପରା ବା ଶୁଖିଲା ନଡିଆ**ର ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍ଏସ୍ପିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାଦ୍ୱାରା ନଡିଆର ଉତ୍ପାଦନ ବୃଦ୍ଧି ପାଇବା ସହ କୃଷକମାନଙ୍କୁ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**ଅଶ୍ୱିନୀ ବୈଷ୍ଣବ**

ରାଜ୍ୟରେ ୪ ହଜାର ୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ୨ଟି ସେମି କଣ୍ଡକ୍ଟର ୟୁନିଟ୍ ଖୋଲିବାକୁ ମଞ୍ଜୁରୀ ମିଳିଥିବା ନେଇ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଏହି କାରଖାନାରୁ ଉତ୍ପାଦିତ ଚିପ୍‌ଗୁଡିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ବୈଦ୍ୟୁତିକ ବାହନ, ଡାଟାସେଣ୍ଟର ଓ ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। ଏହା ସହ ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ୧୧ଟି ବିଶ୍ୱବିଦ୍ୟାଳୟକୁ ମାଗଣା ଡିଜାଇନ୍ ଟୁଲ୍ ଯୋଗାଇ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

## ମୁଖ୍ୟମନ୍ତ୍ରୀ

ସରକାରଙ୍କ ପାଇଁ ସମ୍ବଳ ନୁହେଁ ବରଂ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ମୂଲ୍ୟବାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀର ରାମଚଣ୍ଡୀଠାରେ ରାଜ୍ୟର ପ୍ରଥମ ଜଳଦକ୍ଷତା ଓ ଜୀବନ ରକ୍ଷା ତାଲିମ କେନ୍ଦ୍ରର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଅଗ୍ନିଶମ ବିଭାଗ ପ୍ରଶିକ୍ଷଣ କେନ୍ଦ୍ରକୁ ଜାତୀୟ ସ୍ତରରେ ମାନ୍ୟତା ମିଳିଛି। ରାଜ୍ୟ ନିଜର କର୍ମଚାରୀଙ୍କୁ ତାଲିମ୍ ଦେବା ସହ ବାହାର ରାଜ୍ୟର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ବିଭିନ୍ନ ବିପର୍ଯ୍ୟୟର ମୁକାବିଲା କରୁଛି। ଏହି ପ୍ରଶିକ୍ଷଣ କେନ୍ଦ୍ର ବିଶ୍ୱରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି କରିବ। ସରକାର ଦୁଃସାହସିକ କ୍ରୀଡା ନୀତି ଗ୍ରହଣ କରିଛନ୍ତି। ସ୍କୁବା ପ୍ରଶିକ୍ଷଣ କେନ୍ଦ୍ରରେ ପର୍ଯ୍ୟଟକମାନଙ୍କୁ ନିଆରା

ଅନୁଭୂତି ପ୍ରଦାନ ସହ ଏହି କେନ୍ଦ୍ର ଜଳକ୍ରୀଡାର ବିକାଶ ଦିଗରେ କାର୍ଯ୍ୟ କରି ରାଜ୍ୟର ଅର୍ଥନୀତିକୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

## ମାଲକାନଗିରି-ହିଂସା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ମାଲକାନଗିରି ଜିଲ୍ଲାର ଏମ୍.ଭି.-୨୬ ଓ ରାଖେଲଗୁଡ଼ା ଗ୍ରାମର ସ୍ଥିତି ସମ୍ପର୍କିତ ସମୀକ୍ଷା ରିପୋର୍ଟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରଦାନ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ଉଭୟ ସମ୍ପ୍ରଦାୟ ସହ ଆଲୋଚନା ହୋଇଛି। ତଦନୁଯାୟୀ ରିପୋର୍ଟ ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଥିବାବେଳେ ଉଭୟ ସମ୍ପ୍ରଦାୟ ଶାନ୍ତି ଚାହୁଁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି। ଉପୁଜିଥିବା ଅପ୍ରୀତିକର ପରିସ୍ଥିତିରେ ୩ କୋଟି ୪୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ କରାଯାଇଛି। ଘର କ୍ଷୟକ୍ଷତିର ଆକଳନ ବୈଷୟିକ ଟିମ୍ ଦ୍ୱାରା ଜାରି ରହିଛି। ଗ୍ରାମକୁ ଲୋକ ଫେରୁଥିବାବେଳେ ରିଲିଫ୍ ବଣ୍ଟନ ଏବଂ ବିଦ୍ୟୁତ୍ ଓ ଜଳଯୋଗାଣ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତି। ଜିଲ୍ଲାର ଇଣ୍ଟରନେଟ୍ ସେବା ଉପରେ କଟକଣା ଆସନ୍ତାକାଲି ଶନିବାର ରାତି ୧୨ ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ

ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆସନ୍ତା ରବିବାର ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ କଟକ ସହିଦ୍ ଭବନରେ ହାଇକୋର୍ଟ ବାର ଆସୋସିଏସନ୍ ପକ୍ଷରୁ ଆୟୋଜିତ ହେବାକୁ ଥିବା ଆଲୋଚନାଚକ୍ରରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହୋଇଛି । ବୈଠକରେ ଆସନ୍ତା ୧୬ ତାରିଖଠାରୁ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ହେବାକୁ ଥିବା ପହିଲି ଭୋଗ ନୀତି ନିର୍ଘଣ୍ଟ, ଜାନୁୟାରୀ ୩ ତାରିଖରେ ଦେବାଭିଷେକ ପୂର୍ଣ୍ଣିମା ଓ ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟ ନେଇ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଇଂରାଜୀ ନବବର୍ଷରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ନେଇ ମଧ୍ୟ ବୈଠକରେ ଆଲୋଚନା ହେବ। ପରେ ନୀତିନିର୍ଘଣ୍ଟକୁ ନେଇ ନୀତି ସବ୍‌କମିଟି ବୈଠକ କରାଯିବ। କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଛତିଶାନିଯୋଗର ସେବାୟତ ପ୍ରତିନିଧିମାନେ ଉପସ୍ଥିତ ଅଛନ୍ତି।

## ପାନୀୟ ଜଳ

ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନଠାରେ ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର

ରାଜ୍ୟସ୍ତରୀୟ ତ୍ରି-ଦିବସୀୟ ସମୀକ୍ଷା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ୩ଟି ରାଜସ୍ୱ ଡିଭିଜନ୍ ଅନ୍ତର୍ଗତ ସମସ୍ତ ୩୫ଟି ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେଲେ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ପାଇଁ ମନ୍ତ୍ରୀ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ଜଙ୍ଗଲ ସୁରକ୍ଷା

ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟା ଓ ନିରାକରଣ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ମାସିକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କର ୩୨ଟି ମୁଖ୍ୟ ପ୍ରକଳ୍ପଗୁଡ଼ିକ ସମୀକ୍ଷା କରାଯାଇଛି। ପ୍ରକଳ୍ପଗୁଡ଼ିକରେ କ୍ୟାପିଟାଲ ରିଜିୟନ୍ ରିଂରୋଡ, ଗୋରୁ-ମହିଷାଣୀ ନୂତନ ରେଳ ଲାଇନ୍, ଭାରତୀୟ ଭୂ-ତତ୍ତ୍ୱ ଖନନ ଅନୁସନ୍ଧାନ, ଫୋର-ଜି ଭିତ୍ତିକ ମୋବାଇଲ ସେବା ଏବଂ ଜାତୀୟ ରାଜପଥର ୫ଟି ଉଚ୍ଚକ୍ଷମତା ସମ୍ପନ୍ନ ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପର ବିଭାଗୀୟ ଅନୁମୋଦନ ପ୍ରକ୍ରିୟାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ମାମଲାଗୁଡ଼ିକୁ ସକ୍ରିୟ ଭାବେ ସମାଧାନ କରିବାକୁ ଶ୍ରୀ ସାହୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କର୍ମଶାଳା

ଭୁବନେଶ୍ୱରସ୍ଥିତ ରାଜ୍ୟ ଶ୍ରମ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ 'ସୁରକ୍ଷା ସମିତିର ଭୂମିକା ଓ ଦାୟିତ୍ୱ' ଶୀର୍ଷକରେ ଏକ ରାଜ୍ୟସ୍ତରୀୟ ତାଲିମ୍

କର୍ମଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁରକ୍ଷା ସମିତିକୁ ଶକ୍ତିଶାଳୀ କରିବା, ସଦସ୍ୟମାନଙ୍କର ସଚେତନତା, ଦାୟିତ୍ୱ ଓ ସଫଳ ପଦକ୍ଷେପ ଦ୍ୱାରା କାର୍ଯ୍ୟସ୍ଥଳର ସୁରକ୍ଷା ସୁନିଶ୍ଚିତ କରିବା ସଂକ୍ରାନ୍ତରେ ଆଲୁମିନିୟମ୍ ୟୁନିଟ୍ ସୁରକ୍ଷା ସମିତି ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## କୋଣାର୍କ ଇକୋ ରିଟ୍ରିଟ୍

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଇକୋ ରିଟ୍ରିଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ କିଛି ସମୟ ମଧ୍ୟରେ ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ସାଂସଦ ଓ ବିଧାୟକମାନେ ଯୋଗଦେବେ । ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭୦ଟି ବିଳାସପୂର୍ଣ୍ଣ ତମ୍ବୁଘର ନିର୍ମାଣ କରାଯାଇଛି । ଏହି ମନୋରମ ପରିବେଶ ମଧ୍ୟରେ ପର୍ଯ୍ୟଟକମାନେ ରାତ୍ରିଯାପନ ସହ ସାମୁଦ୍ରିକ ଜଳକ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରିବେ ।

## ସଚେତନତା ରଥ

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଖରିଫ୍ ଧାନ ବିକ୍ରୟ ପାଇଁ ଚାଷୀ ସଚେତନତା ପ୍ରଚାର ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥ ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରି ଚାଷୀ ଧାନ କ୍ରୟ ପାଇଁ ଥିବା ସରକାରୀ ନିୟମ ଓ ସୁବିଧା ସୁଯୋଗ ସମ୍ପର୍କରେ ଚାଷୀମାନଙ୍କୁ ସଚେତନତ କରାଇବ।

## ସଡକ ସୁରକ୍ଷା ବୈଠକ

**ଢେଙ୍କାନାଳ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ ଅଧ୍ୟକ୍ଷତା କରି ଜିଲ୍ଲାରେ ଜାତୀୟ ରାଜପଥ କଡରେ ବେଆଇନ୍ ଭାବେ ଗଢ଼ି ଉଠିଥିବା ବିଭିନ୍ନ ସଂସ୍ଥାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

**କେନ୍ଦ୍ରାପଡ଼ା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସଡକ ନିରାପତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗଦେଇ  ଜାତୀୟ ରାଜପଥରେ ଷ୍ଟ୍ରିଟ୍ ଲାଇଟ୍-ସାଇନବୋର୍ଡ ଲଗାଇବା ସହ ଟ୍ରାଫିକ ଅବମାନନାକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ନିରୀକ୍ଷଣ କମିଟି ବୈଠକ

**କେନ୍ଦ୍ରାପଡ଼ା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାୟୋ ମେଡିକାଲ ଆବର୍ଜନାର ସୁପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା ।

## ପରାମର୍ଶଦାତା କମିଟି ବୈଠକ

**ସମ୍ବଲପୁର**ଠାରେ ୫୫ତମ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମଣ୍ଡଳ ଅଧୀନରେ ଶେଷ ହୋଇଥିବା ପ୍ରକଳ୍ପ ଏବଂ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଜୀବିକା ମିଶନ

**ଦେବଗଡ଼** ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ପାଣିପମ୍ପ ସେଟ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୫ଟି ଗ୍ରାମପଞ୍ଚାୟତର ୫୦ ଜଣ ଆଦିବାସୀ ଚାଷୀଙ୍କୁ ପମ୍ପସେଟ୍ ବଣ୍ଟନ କରାଯାଇଥିଲା ।

## ସାଇବର ସତର୍କତା

**ନୟାଗଡ଼** ଜିଲ୍ଲା ସମାଜମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ ସଭାଗୃହରେ ଜିଲ୍ଲାସ୍ତରୀୟ ସାଇବର ସତର୍କତା ଏବଂ ବେଟି ବଚାଓ-ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଇବର ସତର୍କତା, ତଥା ଅନ୍‌ଲାଇନ୍ ମାଧ୍ୟମରେ ସୁରକ୍ଷିତ କାରବାର ସମ୍ପର୍କରେ ସଚେତନ କରାଯାଇଥିଲା ।

## ଜିଲ୍ଲା ମହୋତ୍ସବ

**କେନ୍ଦ୍ରାପଡ଼ା** ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆସନ୍ତା ମାସ ୧୦ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ପଲିଶ୍ରୀ ମେଳା ଓ ଜିଲ୍ଲା ମହୋତ୍ସବ ଅନୁଷ୍ଠିତ ହେବ । ଶୃଙ୍ଖଳିତ ଆୟୋଜନ ସଂକ୍ରାନ୍ତରେ ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ହସ୍ତଶିଳ୍ପ ପ୍ରଦର୍ଶନୀ

**ଭଦ୍ରକ** ଜିଲ୍ଲା ଚାରୁକାରୁକଳା ମହାବିଦ୍ୟାଳୟରେ ଇକୋ-କ୍ରାଫ୍ଟ ବାଉଁଶମୂର୍ତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ

ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ବୌଦ୍ଧିକ ବିକାଶରେ ଚିତ୍ରକଳାର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟସେବା

**ଯାଜପୁର** ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ ୨୦୨୫ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଯୋଗଦେଇ ପ୍ରତିଷେଧକ ଏବଂ ପ୍ରତିକାରାତ୍ମକ ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ କରାଇବା ସଂକ୍ରାନ୍ତରେ ଆଲୋଚନା କରିଥିଲେ।